**ଗାଁ ଭିତରେ ହାତୀ ଆତଙ୍କ**

କାମାକ୍ଷାନଗର,(ସୁଧୀର ପରିଡ଼ା): ଢେଙ୍କାନାଳ ବନଖଣ୍ଡ ଜିରାଳ ଫରେଷ୍ଟ ସେକ୍ସନରେ ଥିବା ଜିରାଳ ଗାଁ ଓ ବଜାରରେ ସୋମବାର ଭୋର୍ ସମୟରେ ୨ଟି ଦନ୍ତା ହାତୀ ଆତଙ୍କ ଖେଳାଇଥିଲେ। ସ୍ଥାନୀୟ ଜଙ୍ଗଲରୁ ଚାଲି ଆସିଥିବା ୨ ଦନ୍ତା ହାତୀ ଗାଁ ଭିତରେ ପଶି ଦୀର୍ଘ ସମୟ ଧରି ଉତ୍ପାତ କରୁଥିବା ବେଳେ ଘଉଡ଼ାଇବାକୁ ଯାଇ ଗ୍ରାମର ମହେଶ୍ୱର ବାରିକ ଆହତ ହୋଇଥିଲେ। ଖବରପାଇ ବନ କର୍ମଚାରୀମାନେ ପହଞ୍ଚି ଗ୍ରାମବାସୀଙ୍କ ସହଯୋଗରେ ହାତୀଙ୍କୁ ଜଙ୍ଗଲକୁ ଘଉଡ଼ାଇ ଦେଇଥିଲେ।



# ପ୍ରତିଭା ବିକଶିତ ହେଲେ ଅନୁଷ୍ଠାନ ଆଗକୁ ବଢ଼ିବ

## ପ୍ରତିଭା ଚୟନ ଓ ସ୍ୱାଗତମ୍-୨୦୨୫ର ଦ୍ୱିତୀୟ ସନ୍ଧ୍ୟା




ଯବାନ ବୀର କିଶୋର ସ୍ୱାଇଁଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି। ଅନ୍ତର୍ଜାତୀୟ ଭାର ଉତ୍ତୋଳନକାରୀ ପ୍ରୀତିସ୍ମିତାଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

ଢେଙ୍କାନାଳ,୩୦।୧୨(ରତନ ନାୟାର)

ଢେଙ୍କାନାଳର ସାଂସ୍କୃତିକ ଅନୁଷ୍ଠାନ ତ୍ରିରଙ୍ଗା ସୁପ୍ରଭାତର ବାର୍ଷିକ ଉତ୍ସବ ତଥା ପ୍ରତିଭା ଚୟନ ଓ ସ୍ୱାଗତମ-୨୦୨୫ର ଦ୍ୱିତୀୟ ସନ୍ଧ୍ୟା ସ୍ଥାନୀୟ ଗୋପବନ୍ଧୁ ଟାଉନ ହଲ୍‌ଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନ ଉପଦେଷ୍ଟା ସତ୍ୟ ସ୍ୱରୂପ ଦାସଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ପ୍ରତିଷ୍ଠାତା ସଦସ୍ୟ ବିନୋଦ ମହାନ୍ତି ବିବରଣୀ ପ୍ରଦାନ କରିଥିଲେ। ଅନ୍ୟତମ ଉପଦେଷ୍ଟା ଦେବାଶିଷ ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯୁବରାଜ ଅମରଜ୍ୟୋତି ସିଂହଦେଓ କହିଲେ, ପ୍ରତିଭାମାନେ ବିକଶିତ ହେଲେ ତ୍ରିରଙ୍ଗା ସୁପ୍ରଭାତ ଭଳି ଅନୁଷ୍ଠାନ ଆଗକୁ ବଢ଼ିବ। ଢେଙ୍କାନାଳ କଳା, ସଂସ୍କୃତିର ମାଟି। ଏହି ମାଟିର ପ୍ରତିଭାମାନେ ସବୁ ସମୟରେ ରାଜ୍ୟ ଓ ଜାତୀୟସ୍ତରରେ ଢେଙ୍କାନାଳ ଜିଲାକୁ ଗର୍ବିତ କରିଛନ୍ତି। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଅତିରିକ୍ତ ଏସ୍‌ପି ପ୍ରଭାତ କୁମାର ବିଶ୍ୱାଳ କହିଲେ, ପୋଲିସ ହେଉ ବା ସାଧାରଣ ଲୋକ, ଜୀବନରେ ସମୟାନୁବର୍ତ୍ତିତା, କର୍ତ୍ତବ୍ୟନିଷ୍ଠ ଓ ଦାୟିତ୍ୱବାନ ହୋଇପାରିଲେ, ସମାଜ ଶୃଙ୍ଖଳିତ ହେବ ଏବଂ ସମୃଦ୍ଧ ହେବ। ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ଲୁକାୟିତ ପ୍ରତିଭାମାନଙ୍କୁ ଆଗକୁ ବଢ଼ିବା ପାଇଁ ଏଭଳି ଉତ୍ସବ ପ୍ରକୃଷ୍ଟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। କାରଗିଲ ଯୁଦ୍ଧରେ ବୀରତ୍ୱର ସହ ଲଢ଼ିଥିବା ବୀର ଯବାନ ବୀର କିଶୋର ସ୍ୱାଇଁଙ୍କୁ କାର୍ଯ୍ୟକ୍ରମରେ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ଭାରୋ ଉତ୍ତୋଳନରେ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ଢେଙ୍କାନାଳକୁ ଗର୍ବିତ କରିଥିବା ପ୍ରୀତିସ୍ମିତା ଭୋଇ ଓ ତାଙ୍କର କୋଚ୍ ଗୋପାଳକୃଷ୍ଣ ଦାସଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ସାହିତ୍ୟିକା, ଦୂରଦର୍ଶନର ସମାଚାର ଉପସ୍ଥାପିକା ଅଧ୍ୟାପିକା ଡ. ମଞ୍ଜୁଲିକା ନାୟକଙ୍କୁ ଡ. ବିଧାନଚନ୍ଦ୍ର ମିଶ୍ର ସ୍ମୃତି ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ବହୁବିଧ ପ୍ରତିଭା ଥିବା ଛାତ୍ରୀ ସିପ୍ରା ସାହୁ ଓ ଫୁଟ୍‌ବଲ ଗ୍ରାମ ଭାବେ ପରିଚିତ ସଦର ବ୍ଲକ ନରଣପୁର ଗ୍ରାମକୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶିଷ ଶତପଥୀ, ଆଶୁତୋଷ ମହାପାତ୍ର ଓ ଅନନ୍ୟା ପ୍ରିୟଦର୍ଶିନୀ ମାନପତ୍ର ପାଠ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଜୟଦେବ ଶତପଥୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମନୋହର ଶତପଥୀ ଧନ୍ୟବାଦ ପ୍ରଦାନ କରିଥିଲେ। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ନୂଆବର୍ଷରେ ଉପହାର ଦେବାକୁ ଚାହୁଁଥିଲେ ପୁସ୍ତକ ଦିଅ

### ଢେଙ୍କାନାଳ ଜିଲାପାଳଙ୍କ ପରାମର୍ଶ

ଢେଙ୍କାନାଳ,୩୦।୧୨(ରତନ ନାୟାର)

ନବବର୍ଷ ଅବସରରେ କୌଣସି ବ୍ୟକ୍ତି, ଅଧିକାରୀ, ଜନସାଧାରଣ ଓ ଖବରଦାତା ଜିଲାପାଳଙ୍କୁ ପୁଷ୍ପଗୁଚ୍ଛ, ଡାଏରୀ କିମ୍ବା କୌଣସି ପ୍ରକାର ଉପହାର ନ ଦେବାକୁ ଢେଙ୍କାନାଳ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଅନୁରୋଧ କରିଛନ୍ତି। ଯଦି କେହି କିଛି ଦେବାକୁ ଚାହୁଁଛନ୍ତି, ତେବେ କୌଣସି ଏକ ଉପାଦେୟ ପୁସ୍ତକ ଦେବାକୁ ଜିଲାପାଳ କହିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ୨ ବାଇକ୍ ଧକ୍କା, ୩ ଆହତ

କାମାକ୍ଷାନଗର,୩୦।୧୨(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କଙ୍କଡ଼ାହାଡ ଥାନା ବାଟଗାଁ ନିକଟରେ ସୋମବାର ମଧ୍ୟାହ୍ନରେ ୨ ବାଇକ ମଧ୍ୟରେ ଧକ୍କା ଯୋଗୁ ୩ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପ୍ରକାଶ ଯେ, ଏକ ବାଇକ୍ ବିରାଶାଳ ଆଡୁ ଆସୁଥିବା ବେଳେ ଅନ୍ୟ ଏକ ବାଇକ୍ ବାଟଗାଁ ଆଡୁ ଆସୁଥିବା ବେଳେ ମୁହାଁମୁହିଁ ଧକ୍କା ହୋଇଥିଲା। ଗୁରୁତରମାନେ ହେଲେ ଚିନ୍ମୟ ପ୍ରଧାନ, ଟିପୁ ପୂର୍ତ୍ତି ଓ ଶକ୍ତିକାନ୍ତ ପ୍ରଧାନ।

# ପ୍ରୀତିସ୍ମିତାଙ୍କୁ ସମ୍ବର୍ଦ୍ଧିତ କଲେ ଜିଲାପାଳ



ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଖେଳାଳିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି।

ଢେଙ୍କାନାଳ,୩୦।୧୨(ରତନ ନାୟାର)

ଢେଙ୍କାନାଳର ଝିଅ ପ୍ରୀତିସ୍ମିତା ଗତ ୨୬ ତାରିଖରେ ପ୍ରଧାନମନ୍ତ୍ରୀ ରାଷ୍ଟ୍ରୀୟ ବାଲ୍ ପୁରସ୍କାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଠାରୁ ଗ୍ରହଣ କରିଛନ୍ତି। ଅନ୍ତର୍ଜାତୀୟ ଭାର ଉତ୍ତୋଳନକାରୀ ଭାବେ ସେ ଏହି ସମ୍ମାନଜନକ ପୁରସ୍କାର ପାଇଛନ୍ତି। ପ୍ରୀତିସ୍ମିତା ଢେଙ୍କାନାଳ ଫେରିବା ପରେ ଜିଲା କାର୍ଯ୍ୟାଳୟଠାରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ସୋମବାର ତାଙ୍କୁ ସମ୍ବର୍ଦ୍ଧନା ଦେଇଛନ୍ତି। ଏହି ଅବସରରେ ପ୍ରୀତିସ୍ମିତାଙ୍କ କୋଚ୍ ଗୋପାଳକୃଷ୍ଣ ଦାସ ଓ ଜିଲା କ୍ରୀଡ଼ା ଅଧିକାରୀ ସୁଦୀପ୍ତ ସାହୁ ଉପସ୍ଥିତ ଥିଲେ। ସେହିପରି ରାଜ୍ୟସ୍ତରୀୟ ପେନସିଲାଟ ମାର୍ଶଲ ଆର୍ଟ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଇନ୍ଦ୍ରଜିତ ସାହୁ ଓ ଶୁଭ୍ରାଂଶୁ ସାହୁଙ୍କୁ ମଧ୍ୟ ଜିଲାପାଳ ସମ୍ବର୍ଦ୍ଧିତ କରିଥିଲେ।

# ୩୫ ଅଭିଯୋଗର ଫଇସଲା



ଶିବିରରେ ମଞ୍ଚାସୀନ ଅଧିକାରୀମାନେ।

ଓଡ଼ାପଡ଼ା,୩୦।୧୨(ରଞ୍ଜିତ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକରେ ଜିଲାପାଳଙ୍କ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଉପସ୍ଥିତ ରହି ଜନସାଧାରଣଙ୍କ ଠାରୁ ଅଭିଯୋଗ ଶୁଣିଥିଲେ। ଶିବିରରେ ମୋଟ ୯୨ଟି ଅଭିଯୋଗ ଆସିଥିବା ବେଳେ ସେଥିରୁ ୭୬ଟି ବ୍ୟକ୍ତିଗତ ଓ ୭ ଅଭିଯୋଗ ସହାୟତା ପାଇଁ ଆସିଥିଲା। ଘଟଣାସ୍ଥଳରେ ୩୫ ଅଭିଯୋଗର ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୫ ଜଣଙ୍କୁ, ରେଡ୍‌କ୍ରସ ପାଣ୍ଠିରୁ ୨ ଜଣଙ୍କୁ ସହାୟତା ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ବିଭୁଧ ଗଡ଼ନାୟକ, ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁଙ୍କ ସହିତ ବିଭିନ୍ନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ ବୋଲି ବ୍ଲକ ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି।

# କର୍ଣ୍ଣାଟକକୁ ହରାଇ କଟକ ସେମିରେ

ଭୁବନ, ୩୦।୧୨(ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ବ୍ଲକ ଜିରାଳ ମିନିଷ୍ଟାଡିୟମଠାରେ ଜିରାଳ ସ୍ପୋର୍ଟସ କ୍ଲବ ପକ୍ଷରୁ ସୋମବାର ଠାରୁ ଆରମ୍ଭ ହୋଇଛି ୧୬ ତମ ସର୍ବଭାରତୀୟ ଅଜିତ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ। ପ୍ରଥମ ଦିନରେ କଟକ ବିଡ଼ାନାସୀ ଓ କର୍ଣ୍ଣାଟକ ଗୁଲାର କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ ଖେଳାଯାଇଥିଲା। ଏଥିରେ ଗୁଲାରକୁ ହରାଇ କଟକ ସେମିଫାଇନାଲରେ ପ୍ରବେଶ କରିଥିଲା। କଟକ ବିଡାନାସୀ ଟିମ୍ ପ୍ରଥମେ ବ୍ୟାଟିଂ କରି ୧୩୧ ରନ ସଂଗ୍ରହ କରିଥିଲା। ଜବାବରେ କର୍ଣ୍ଣାଟକ ଟିମ୍ ୧୨୮ ରନ କରି ପରାଜୟ ବରଣ କରିଥିଲା। ବିଷ୍ଣୁ ପ୍ରସାଦ ଦାସ ଓ ପ୍ରକାଶ ଚନ୍ଦ୍ର ବେହେରା ଖେଳ ପରିଚାଳନା କରିଥିବା ବେଳେ ବିପିନ ବିହାରୀ ସାହୁ ଧାରା ବିବରଣୀ ଦେଇଥିଲେ। ବିଶିଷ୍ଟ ସାମାଜିକ କର୍ମୀ ଡ. ଅବିନାଶ ସାମଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିବା ବେଳେ ଜିରାଳ ଗ୍ରାମ ସଭାପତି ଅର୍ଜୁନ ଚରଣ ପଣ୍ଡା ଓ ଗ୍ରାମ ସମ୍ପାଦକ ଅମର ରାଉତ ଅତିଥିଭାବେ ଯୋଗଦେଇଥିଲେ।



ଅତିଥିମାନେ ପୁରସ୍କାର ପ୍ରଦାନ କରୁଛନ୍ତି।

# ପ୍ରଦର୍ଶନୀ ମହିଳା କ୍ରିକେଟ: ଖୋର୍ଦ୍ଧା ବିଜୟୀ




ଅତିଥିଙ୍କ ସହ ଉଭୟ ଟିମ୍‌ର ଖେଳାଳି।

ଭୁବନ, ୩୦।୧୨( ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଖେଳ ପଡ଼ିଆରେ ସୋମବାର ଏକ ମହିଳା ପ୍ରଦର୍ଶନୀ କ୍ରିକେଟ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନ ଟିମ୍‌କୁ ହରାଇ ଖୋର୍ଦ୍ଧା ଟିମ୍ ବିଜୟୀ ହୋଇଥିଲା। ଭୁବନ ଟିମ୍ ପ୍ରଥମେ ବ୍ୟାଟିଂ କରି ୯୩ ରନ କରିଥିଲା। ଜବାବରେ ଖୋର୍ଦ୍ଧା ଟିମ୍ ୯୪ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଜ୍ୟୋତି ପ୍ରକାଶ ମଲ୍ଲିକ, ଗିରିଜା ପ୍ରସାଦ ମିଶ୍ର ଖେଳ ପରିଚାଳନା କରିଥିବା ବେଳେ ସଞ୍ଜୀବ ନାୟକ ଧାରା ବିବରଣୀ ଦେଇଥିଲେ। ବରିଷ୍ଠ ଆଇନଜୀବୀ ନବକିଶୋର ଗୁରୁ, ସାମାଜିକ କର୍ମୀ ସାଗରିକା ମିଶ୍ର, ମହିଳା କଲେଜ ଅଧ୍ୟକ୍ଷ ଦିଲୀପ ଦାସ, ପ୍ରାକ୍ତନ ଅଧ୍ୟାପକ ସୁରେନ୍ଦ୍ର କୁମାର ପୋଥାଳ, ଢେଙ୍କାନାଳ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର ଓ ଗନ୍ଦିଆ ବ୍ଲକ ଅଧ୍ୟକ୍ଷା ରିନାରାଣୀ ଖଟୁଆ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ।

# ଛାତ୍ରୀଛାତ୍ର ଚରିତ୍ରବାନ୍ ହୁଅନ୍ତୁ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିମାନେ

ହିନ୍ଦୋଳ,୩୦।୧୨ (ବ୍ରହ୍ମାନନ୍ଦ ପଟ୍ଟନାୟକ)

ଢେଙ୍କାନାଳ ଜିଲା ହିନ୍ଦୋଳ ବ୍ଲକ ଜରଡ଼ା ପଞ୍ଚାୟତ ନବବଲ୍ଲୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଇତିଶ କୁମାର ବରାଳଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ହିନ୍ଦୋଳ ଉପଜିଲାପାଳ ଶିବାନନ୍ଦ ସ୍ୱାଇଁ ଯୋଗଦେଇ ଛାତ୍ରୀଛାତ୍ରମାନେ ଚରିତ୍ରବାନ ହେବା ସହିତ ଦେଶ ଗଠନରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ। ରାଜ୍ୟପାଳ ପୁରସ୍କାରପ୍ରାପ୍ତ ବିଜ୍ଞାନ ଶିକ୍ଷକ ରାମଚନ୍ଦ୍ର ସାହୁ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ ଜରଡ଼ା ସରପଞ୍ଚ ଜ୍ଞାନରଞ୍ଜନ ଦାସ, ନିଖିଳ ଉତ୍କଳ ଗ୍ରାମ ପଞ୍ଚାୟତ କର୍ମଚାରୀ ସଂଘର ପୂର୍ବତନ ସମ୍ପାଦକ ବିରଞ୍ଚି ନାରାୟଣ ପାତ୍ର, କୈଳାଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷକ ଜୀବନଜ୍ୟୋତି ବିଶ୍ୱାଳଙ୍କ ଦ୍ୱାରା ପରିଚାଳିତ କ୍ରୀଡ଼ାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କାର ବିତରଣ କରିଥିଲେ। ସହକାରୀ ଶିକ୍ଷକ ପ୍ରଦୀପ୍ତ କୁମାର ବିଶ୍ୱାଳ, ଶିକ୍ଷୟିତ୍ରୀ ରଶ୍ମିତା ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ। ସହକାରୀ ଶିକ୍ଷକ ପ୍ରଦୀପ ବେହେରା, ସବ୍ୟସାଚୀ ବେହେରା, ଅଞ୍ଜଳି ବେହେରା, ପ୍ରଭାତି ପ୍ରଧାନ, ଶିକ୍ଷୟିତ୍ରୀ ଧରିତ୍ରୀ ଜଗଦେବ, ହରପ୍ରୀୟା କର ପ୍ରମୁଖ ସହଯୋଗ କରିଥିଲେ। ସହକାରୀ ଶିକ୍ଷକ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଦେଇଥିଲେ।

# ମୌଳିକ ଅଧିକାର ଦାବିରେ ଗଣଧାରଣା




ମୌଳିକ ଅଧିକାର ଦାବିରେ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ପରଜଙ୍ଗ,୩୦।୧୨(ନିଗମାନନ୍ଦ ଦଳବେହେରା)

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ସାଆନ୍ଦା ପଞ୍ଚାୟତ ଅଫିସ ସମ୍ମୁଖରେ ମୌଳିକ ଅଧିକାର ପାଇଁ କେଞ୍ଝୁଡ଼ି ଗାଁର ୪୨ ଗୋଟି ଆଦିବାସୀ ପରିବାର ଗଣଧାରଣା ଦେଇଛନ୍ତି। ଆଦିବାସୀ ଚେତନା ସଂଗଠନ ପକ୍ଷରୁ ଏହି ଗଣଧାରଣା ଦିଆଯାଇଛି। ଗାଁକୁ ରାସ୍ତା, ପାନୀୟ ଜଳ ଭଳି ସୁବିଧା ସହ ଘରଡିହ ପଟ୍ଟା, ଭତ୍ତା, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। କେଞ୍ଝୁଡ଼ି ଗାଁକୁ ୨୦୦୮ ମସିହାରେ ରାଜସ୍ୱ ଗାଁର ମାନ୍ୟତା ପାଇଁ ସମସ୍ତ କାଗଜପତ୍ର ସରକାରୀସ୍ତରକୁ ଯାଇଥିଲେ ମଧ୍ୟ ଏଯାଏ ରାଜସ୍ୱ ମାନ୍ୟତା ମିଳନାହିଁ। ଗ୍ରାମବାସୀଙ୍କୁ ସରକାରଙ୍କ ସମସ୍ତ ସୁବିଧା ସୁଯୋଗ ମଧ୍ୟ ମିଳୁନାହିଁ। ତେଣୁ ମୌଳିକ ସୁବିଧା ଦାବିରେ ପାରମ୍ପରିକ ଧନୁ ତୀର ଧରି ଗ୍ରାମବାସୀ ଗଣଧାରଣା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିସହିତ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସରପଞ୍ଚଙ୍କୁ ପ୍ରଦାନ କରିଛନ୍ତି। ଏକ ମାସ ମଧ୍ୟରେ ଦାବି ପୂରଣ ନ ହେଲେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବ୍ୟାବହାରିକ ଜ୍ଞାନ ଉପରେ ଶିକ୍ଷାଦାନ

ଢେଙ୍କାନାଳ,୩୦।୧୨(ରତନ ନାୟାର)

ଢେଙ୍କାନାଳସ୍ଥିତ ଭାରତୀୟ ଜନସଞ୍ଚାର ସଂସ୍ଥାନର ଛାତ୍ରୀ ସୋନାଲ ରୟ ବସ୍ତ୍ରାଣ୍ଡଠାରେ ଥିବା ଭାରତ ସରକାରଙ୍କ ସ୍କିଲ ଡେଭଲପମେଣ୍ଟ ସେଣ୍ଟରରେ ଛାତ୍ରୀଛାତ୍ରମାନଙ୍କୁ ଶନିବାର ଶିକ୍ଷାଦାନ କରିଛନ୍ତି। ତାଲିମ ନେଉଥିବା ଛାତ୍ରୀଛାତ୍ରଙ୍କ ଦକ୍ଷତାର ଆବଶ୍ୟକତା ଓ ଗୁରୁତ୍ୱ ଉପସ୍ଥାପନ କରିଥିଲେ। ସେହିପରି ବ୍ୟବହାରିକ ଜ୍ଞାନ, କଥା କହିବା ଶୈଳୀ, ଦକ୍ଷତାକୁ ବ୍ୟବହାର କରି ରୋଜଗାରକ୍ଷମ ହେବା, ଟେକ୍ନୋଲୋଜିର ସଦୁପଯୋଗ ଉପରେ ଆଲୋକପାତ କରିଥିଲେ। ତାଙ୍କ ଜୀବନଶୈଳୀ ଓ ପାଠପଢ଼ା ସମୟରେ କିପରି ରୋଜଗାର କରୁଥିଲେ ତାହା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ଆଇଆଇଏମ୍‌ସି ଛାତ୍ରୀ କୌଶଳ କେନ୍ଦ୍ରରେ ଶିକ୍ଷାଦାନ କରୁଛନ୍ତି।

ଏଥିରେ ଗ୍ରାଫିକ ଡିଜାଇନର, କଟର, ହେଲପର, ପାର୍ଟସ ମେକିଂ, ବରିଷ୍ଠ ଏକଜିକ୍ୟୁଟିଭ୍, ଆଇଟି ହେଲ୍ପଡେସ୍କ ଆଦି ବିଭାଗର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ସେଣ୍ଟର ମ୍ୟାନେଜର ସଂକଳ୍ପ କୁମାର ଦାସ, ଫ୍ୟାକ୍ସ ସାହୁ, ଏକାଡେମୀ ହେଡ୍ ଶୁଭେନ୍ଦୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

# ପିକ୍‌ନିକ୍ ସ୍ପଟ୍: ସରାଙ୍ଗସ୍ଥିତ ଅନନ୍ତଶୟନ



ଢେଙ୍କାନାଳ ଜିଲାର ବିଭିନ୍ନ ସ୍ଥାନରେ ଥିବା ପର୍ଯ୍ୟଟନସ୍ଥଳୀ ମଧ୍ୟରୁ ପରଜଙ୍ଗ ବ୍ଲକ ସରାଙ୍ଗସ୍ଥିତ ଅନନ୍ତଶୟନ ଅନ୍ୟତମ। ଏହି ପର୍ଯ୍ୟଟନସ୍ଥଳୀରେ ବହୁ ପ୍ରାଚୀନ କଳାକୃତି ରହିଛି, ଯାହାକୁ ନେଇ ପରଜଙ୍ଗ ଅଞ୍ଚଳବାସୀ ଗର୍ବିତ। ସରାଙ୍ଗ ପଞ୍ଚାୟତ ଦେଇ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରେ ଶୋଭା ପାଉଛି ଏହି ସ୍ଥାନ। ୫୫ ଫୁଟ୍‌ରୁ ଅଧିକ ଲମ୍ବର ବିଷ୍ଣୁଙ୍କ ଅନନ୍ତଶୟନ ପଥର ପ୍ରାଚୀନ ମୂର୍ତ୍ତି ଏଠାରେ ରହିଛି। ଅନନ୍ତଶୟନ ମୂର୍ତ୍ତି ନାଭିରୁ ବ୍ରହ୍ମା ବାହାରି ଥିବାବେଳେ ପାଦତଳେ ରହିଛନ୍ତି ମା' ଲକ୍ଷ୍ମୀ, ବକ୍ଷ ସ୍ଥଳରେ ଶ୍ରୀବତ୍ସ ବ୍ରାହ୍ମଣଙ୍କ କଠଉ ଚିହ୍ନ ରହିଥିବା ବେଳେ ମସ୍ତକରେ ଅନନ୍ତ ଶେଷନାଗ, ହାତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ସଜ୍ଜିତ ହୋଇଛି। ବ୍ରାହ୍ମଣୀ ନଦୀର ଗୋଟିଏ ପାର୍ଶ୍ୱରେ ଏହି ସ୍ଥାନ ରହିଥିବା ବେଳେ ଅପର ପାର୍ଶ୍ୱରେ ରହିଛି ତାଳଚେରର ପ୍ରସିଦ୍ଧ ପଶ୍ଚିମେଶ୍ୱର ମନ୍ଦିର ସହ ରାଜବାଟୀ। ଅନନ୍ତ ଶୟନଙ୍କ ନିକଟରେ ଐଶାନେଶ୍ୱର ପୂଜା ପାଉଛନ୍ତି। ଗ୍ରାମ ଦେବୀ ମା' ଅନ୍ଧାରୀବାଉତିଙ୍କ ପୀଠ ମଧ୍ୟ କିଛି ଦୂରରେ ରହିଛି। ଅଞ୍ଚଳରେ ଥିବା ବହୁ ପୁରାତନ କାଳର କୁଆଲୁସ୍ଥିତ ଅଷ୍ଟଶମ୍ଭୁ ମନ୍ଦିର ପର୍ଯ୍ୟଟକ ଦେଖିପାରିବେ। କାର୍ତ୍ତିକ ପୂର୍ଣ୍ଣିମାରେ ଏଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଥାଏ। ସାଧବ ପୁଅଙ୍କୁ ବିଦେଶ ଯାତ୍ରା ପାଇଁ ଶୁଭ ମନାସି ସାଧବ ବୋହୂମାନେ ଏହିଠାରୁ ବିଦାୟ ଦେଇଥାନ୍ତି। ଏଠାକୁ ପର୍ଯ୍ୟଟକମାନେ ଆସିଲେ ପ୍ରାଚୀନ କଳାକୃତି ସହ ପ୍ରକୃତିକୁ ପ୍ରଚୁର ଉପଭୋଗ କରିପାରିବେ। ପିକ୍‌ନିକ୍ ପାଇଁ ମଧ୍ୟ ଏହା ଏକ ପ୍ରକୃଷ୍ଟ ସ୍ଥାନ।

**କେମିତି ଯିବେ :**

ପର୍ଯ୍ୟଟକମାନେ ଢେଙ୍କାନାଳ-କାମାକ୍ଷାନଗର ରାସ୍ତାରେ ପରଜଙ୍ଗ ଆସିବା ପରେ ସେଠାରୁ ୧୦ କି.ମି. ଜାତୀୟ ରାଜପଥରେ ବହ୍ଲର ଆଡ଼କୁ ଯିବା ବାଟରେ ସରାଙ୍ଗ ଠାରୁ ଡାହାଣକୁ କିଛି ବାଟ ଗଲେ ଏହି ପର୍ଯ୍ୟଟନସ୍ଥଳୀ ପଡ଼ିବ। ଏହାବ୍ୟତୀତ ଅନୁଗୋଳରୁ ବଅଁରପାଳ ଦେଇ ବହ୍ଲର ଛକ ଆସି ହେବ। ସେଠାରୁ ବ୍ରାହ୍ମଣୀ ବ୍ରିଜ୍ ପାର ହୋଇ କିଛି ବାଟ ଆସିଲେ ସରାଙ୍ଗ ଠାରୁ ବାମପାର୍ଶ୍ୱକୁ କିଛି ବାଟ ଗଲେ ପଡ଼େ ଏହି ସ୍ଥାନ। ଟ୍ରେନ୍ ଯୋଗେ ତାଳଚେର ଷ୍ଟେଶନ କିମ୍ବା ତାଳଚେର ରୋଡ୍ ଷ୍ଟେଶନରେ ଓହ୍ଲାଇ ଅଟୋ ସାହାଯ୍ୟରେ ଆସିପାରିବେ। ରାତି ଯାପନ ପାଇଁ ତାଳଚେର ସହରରେ ହୋଟେଲ ବ୍ୟବସ୍ଥା ରହିଛି।

ରିପୋର୍ଟ- ନିଗମାନନ୍ଦ ଦଳବେହେରା, ପରଜଙ୍ଗ

## ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆଡ୍‌ମିଟ୍ କାର୍ଡ ୱେବସାଇଟ୍‌ରେ

କଟକ,୩୦।୧୨(କାର୍ତ୍ତିକ ସାହୁ)

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ଆସନ୍ତା ଜାନୁଆରୀ ୭ତାରିଖରେ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ୱେବସାଇଟ୍ (www.bseodisha.ac.in)ରେ ଆଡ୍‌ମିଟ୍‌କାର୍ଡ ସୋମବାରଠାରୁ ଉପଲବ୍ଧ ହୋଇଛି। ସମଗ୍ର ରାଜ୍ୟରେ ମୋଟ ୭୮୯ଟି ପରୀକ୍ଷାକେନ୍ଦ୍ର କରାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀ ୧୪୧୩୬୦, ୭ମ ଶ୍ରେଣୀ ୧୦୦୮୬, ୮ମ ଶ୍ରେଣୀ ୫୭୪୪ ଓ ନବମ ଶ୍ରେଣୀର ୩୧୮୯ ଏବଂ ଓଡ଼ିଶା ମାଇନିଂ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ନିମନ୍ତେ ଷଷ୍ଠ ଶ୍ରେଣୀର ୮୭୫ ଜଣ ଛାତ୍ରୀଛାତ୍ର ଆବେଦନ କରିଥିବା ବୋର୍ଡ ପକ୍ଷରୁ ଜଣାଯାଇଛି।

# ଶ୍ରୀବିଷ୍ଣୁ ମହାଯଜ୍ଞ, ମକର ମେଳା ପାଇଁ ସହଯୋଗ କାମନା



ଓଡ଼ାପଡ଼ା,୩୦।୧୨(ରଞ୍ଜିତ ନାୟକ)

ଚଳିତବର୍ଷ ମକର ସଂକ୍ରାନ୍ତି ଓ ଶ୍ରୀବିଷ୍ଣୁ ମହାଯଜ୍ଞ ନିମନ୍ତେ ଓଡ଼ାପଡ଼ା ବ୍ଲକ ନାଧରାସ୍ଥିତ ରାମଚଣ୍ଡୀ ମନ୍ଦିରଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଢେଙ୍କାନାଳ ଜିଲା ଦେବୋତ୍ତର ନିରୀକ୍ଷକ ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଢେଙ୍କାନାଳ ଜିଲା ଦେବୋତ୍ତର ନିର୍ବାହୀ ଅଧିକାରୀ ତଥା ଉପଜିଲାପାଳ ବିଭୁଧ ଗଡ଼ନାୟକ, ଓଡ଼ାପଡ଼ା ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି, ଉପାଧ୍ୟକ୍ଷ ଅମିତାଭ ସ୍ୱାଇଁ, ନାଧରା ସରପଞ୍ଚ ମନସ୍ୱିନୀ ପୃଷ୍ଟି, ମନ୍ଦିର ପରିଚାଳନା କମିଟି ସଭାପତି ପ୍ରଦୀପ କୁମାର ସାମଲଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା, ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଓ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ଆଲୋଚନା କରିଥିଲେ। ସ୍ଥାନୀୟ ଅଞ୍ଚଳର ଅନେକ ଭକ୍ତଙ୍କ ସମାଗମକୁ ନଜରରେ ରଖି ଯାନବାହନ ନିୟନ୍ତ୍ରଣ, ପାନୀୟଜଳ, ସ୍ୱାସ୍ଥ୍ୟସେବା, ଆଲୋକୀକରଣ ଏବଂ ବ୍ରାହ୍ମଣୀ ନଦୀରେ ଭକ୍ତମାନଙ୍କ ସୁରକ୍ଷିତ ଯାତାୟାତ, ହାତୀ ପଲଙ୍କ ଉପରେ ଦୃଷ୍ଟି ରଖିବା ସମ୍ପର୍କରେ ଆଲୋଚନା କରାଯାଇଥିଲା। ବିଭିନ୍ନ ବିଭାଗର ଅଧିକାରୀଙ୍କୁ ଉତ୍ସବରେ ସହଯୋଗ କରିବା ପାଇଁ ଅନୁରୋଧ କରାଯିବା ସହ ଲିଖିତ ଭାବରେ ଜଣାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଦେବୋତ୍ତର ନିରୀକ୍ଷକ ତ୍ରିପାଠୀ ସମସ୍ତଙ୍କ ସହଯୋଗ କାମନା କରି ଧନ୍ୟବାଦ ଅର୍ପଣ କରିଥିଲେ।

**ଚୋରା ଗଞ୍ଜେଇ ଜବତ, ଜଣେ ଅଟକ**

ପବିତ୍ରନଗର,(ନିରୋଜ ପ୍ରଧାନ): କଣିହାଁ ପୋଲିସ ଚୋରା ଗଞ୍ଜେଇ ସହ ଏକ ବାଇକ୍ ଜବତ କରିଛି। ଏଥିରେ ସମ୍ପୃକ୍ତି ଅଭିଯୋଗରେ ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି। ପୋଲିସ କହିଛି, ମଧାହ୍ନ ୧୨ଟାରେ କାକୁଡିଆ ଲୁହାମରା ରାସ୍ତାରେ ଏକ ବାଇକ୍ ଯୋଗେ ଚୋରା ଗଞ୍ଜେଇ ଯାଉଥିବା ଖବରପାଇ ପୋଲିସ ଉକ୍ତ ବାଇକ୍‌କୁ ଧରିଥିଲା। ବାଇକ୍‌ରୁ ୨୨ କେଜି ଗଞ୍ଜେଇ ଜବତ କରାଯାଇଥିଲା। ଚାଳକଙ୍କୁ ଅଟକ ରଖି ପଚରାଉଚରା କରାଯାଉଛି।

# ଫେବୃଆରୀରେ ଜିଲା ମହୋତ୍ସବ, ପଲ୍ଲିଶ୍ରୀ ମେଳା


ପ୍ରସ୍ତୁତି ବୈଠକରେ ଉପସ୍ଥିତ ବିଧାୟକ ଓ ଅଧିକାରୀମାନେ।

**ଅନୁଗୋଳ,୩୦।୧୨(ମାନସ ବିଶ୍ୱାଳ)**

ଅନୁଗୋଳ ଜିଲା ମହୋତ୍ସବ ଆୟୋଜନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ସୋମବାର ଜିଲା ପରିଷଦ ସମ୍ମିଳନୀ କକ୍ଷଠାରେ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ଉପସ୍ଥିତ ଥିଲେ। ଆସନ୍ତା ଫେବୃୟାରୀ ୭ ରୁ ୯ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଅନୁଗୋଳ ଷ୍ଟାଡିୟମ ଠାରେ ଜିଲା ମହୋତ୍ସବ ଆୟୋଜନ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଜିଲା ମହୋତ୍ସବର ୭ ଦିନ ପୂର୍ବରୁ ମଶାଲ ଶୋଭାଯାତ୍ରା କରାଯିବ। ମହୋତ୍ସବରେ ଜିଲାର କଳାକାରମାନଙ୍କୁ ଅଧିକ ପ୍ରାଥମିକତା ଦିଆଯିବ। କବିତା ପାଠୋତ୍ସବ, ଲେଖକ ସମ୍ମିଳନୀ, ଯୋଗ ପ୍ରାଣାୟମ ଶିବିର, ଚିତ୍ରକଳା ପ୍ରଦର୍ଶନୀ ଓ କ୍ରୀଡ଼ା ପ୍ରତିଯୋଗିତା ମଧ୍ୟ ଆୟୋଜନ କରାଯିବ। ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା, ପ୍ରଶାସନ, ସଂସ୍କୃତି, ସାହିତ୍ୟ, ପ୍ରଯୁକ୍ତି ବିଦ୍ୟା ଓ ପରିବେଶ ସୁରକ୍ଷା ଭଳି ବିଭିନ୍ନ କ୍ଷେତ୍ରରେ ସୁନାମ ଅର୍ଜନ କରିଥିବା ଅନୁଗୋଳ ବାସିନ୍ଦାଙ୍କୁ ଅନୁଗୋଳ ଗୌରବ ସମ୍ମାନରେ ସମ୍ମାନିତ କରାଯିବ। ସେହିପରି ଫେବୃୟାରୀ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ପଲ୍ଲିଶ୍ରୀ ମେଳା ଆୟୋଜନ କରାଯିବ। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ହେମନ୍ତ କୁମାର ସିଂହ, ଅତିରିକ୍ତ ଜିଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁରେନ୍ଦ୍ରନାଥ ରାୟଗୁରୁ, ଅନୁଗୋଳ ପୌର ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକ, ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ତାଳଚେର ଉପଜିଲାପାଳ ସମୀର କୁମାର ଜେନା, ପାଲଲହଡା ଉପଜିଲାପାଳ ସୁଶାନ୍ତ କୁମାର ପତି, ଅନୁଗୋଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ବିଶ୍ୱ ଭୂଷଣ, ଜିଲା ସଂସ୍କୃତି ଅଧିକାରୀ ଦୁଃଶାସନ ନାଏକ, ବିଭିନ୍ନ ବିଭାଗୀୟ ଜିଲାସ୍ତରୀୟ ଅଧିକାରୀଙ୍କ ସମେତ ଜିଲା ସଂସ୍କୃତି ପରିଷଦର ସମସ୍ତ ସଦସ୍ୟା ସଦସ୍ୟ ଓ ଜିଲା ମହୋତ୍ସବ କମିଟି ସଦସ୍ୟ ସଦସ୍ୟ ଯୋଗ ଦେଇଥିଲେ।

# କିଶୋର କ୍ଲବର ନବକଳେବର ଦାବି

**ଆଠମଲ୍ଲିକ,୩୦।୧୨(ଉଦୀପ୍ତ ପୁରୋହିତ)**

କଳାକାର, ବାଦ୍ୟକାର ଓ ଖେଳାଳିଙ୍କ ଗହଳି ଲାଗି ରହୁଥିବା ଆଠମଲ୍ଲିକ କ୍ଲବର କିଶୋର କ୍ଲବର ନବକଳେବର କରାଯିବାକୁ ଦାବି କରାଯାଇଛି। ୧୯୪୦ ମସିହାରେ ଆଠମଲ୍ଲିକ ରାଜାଙ୍କ ଦ୍ୱାରା ସ୍ଥାପିତ ଏହି କିଶୋରନଗର କ୍ଲବରେ ରାଜନୈତିକ ଦଳ ଠାରୁ ଆରମ୍ଭ କରି ବିଭିନ୍ନ ଅନୁଷ୍ଠାନର ସଭା ସମିତି କରାଯାଉଥିଲା। ଡ୍ରାମା, ଅପେରା, କଣ୍ଢେଇନାଚ, ଯାଦୁଖେଳ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଥିଲା। କିନ୍ତୁ ସମୟ ସହ ସାଂସ୍କୃତିକ କାର୍ଯ୍ୟକ୍ରମର ପରିବେଷଣ ଶୈଳୀରେ ଅନେକ ପରିବର୍ତ୍ତନ ହୋଇଥିବାରୁ ଏହି କ୍ଲବ ଆଉ ଉପଯୋଗୀ ସାବ୍ୟସ୍ତ ହୋଇପାରୁ ନାହିଁ। ଅତୀତରେ ଏହାର ନବକଳେବର ହୋଇଥିଲେ ସୁଦ୍ଧା ପରିବର୍ତ୍ତିତ ସମୟରେ ଏହା କାର୍ଯ୍ୟରେ ଆସିପାରୁ ନ ଥିବାରୁ ଏହାକୁ ଅଡିଟୋରିୟମରେ ରୂପାନ୍ତରିତ କରିବାକୁ ପୂର୍ବତନ ସରପଞ୍ଚ ତଥା ବର୍ଷୀୟାନ ନେତା ଯାମିନୀ ରଞ୍ଜନ ସିଂହ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଲିଖିତ ଭାବେ ଦାବିପତ୍ର ଦେବା ସହିତ ନିକଟରେ କେନ୍ଦ୍ର ସରକାରଙ୍କ ତରଫରୁ ଆଠମଲ୍ଲିକରେ କେନ୍ଦ୍ରୀୟ ବିଦ୍ୟାଳୟ ସ୍ଥାପନ ପାଇଁ ନିଷ୍ପତ୍ତି ନିଆଯାଇଥିବାରୁ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଫସଲ କ୍ଷତିର ଠିକ୍ ଆକଳନ ପାଇଁ ସ୍ମାରକପତ୍ର

**ଅନୁଗୋଳ,୩୦।୧୨(ମାନସ ବିଶ୍ୱାଳ)**


କଂଗ୍ରେସ ପକ୍ଷରୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

ଅଦିନିଆ ବର୍ଷାରେ ଅନୁଗୋଳ ଜିଲାରେ ହୋଇଥିବା ଫସଲ କ୍ଷତିର ଠିକ୍ ଆକଳନ ଓ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପାଇଁ ସୋମବାର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଜିଲା କଂଗ୍ରେସ ସଭାପତି ଅମ୍ବିକା ଭଟ୍ଟଙ୍କ ନେତୃତ୍ୱରେ ଜିଲାପାଳଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରୀତିମୟଙ୍କୁ ଉକ୍ତ ସ୍ମାରକପତ୍ର ପ୍ରଦାନ କରାଯାଇଛି।

ସ୍ମାରକପତ୍ରରେ କୁହାଯାଇଛି, ଅଦିନିଆ ବର୍ଷାରେ ଅନୁଗୋଳ ଜିଲାର ଚାଷୀମାନଙ୍କ ବ୍ୟାପକ ଫସଲ ହାନି ହୋଇଛି। ଧାନ ବିଲରେ ପଡି ଝଡି ଯାଉଥିବା ବେଳେ କେତେକ ସ୍ଥାନରେ ଗଜା ଧରିଲାଣି। କିନ୍ତୁ କେତେଜଣ ଅଧିକାରୀ କାର୍ଯ୍ୟାଳୟର ଶୀତତାପ ନିୟନ୍ତ୍ରିତ କୋଠରିରେ ବସି ଶୂନ୍ୟ କ୍ଷୟକ୍ଷତି ରିପୋର୍ଟ ସରକାରଙ୍କୁ ପ୍ରଦାନ କରିଥିବା ଗଣମାଧ୍ୟମରୁ ଜଣାପଡିଛି। ଏଭଳି ତରବରିଆ ରିପୋର୍ଟ ଦେବା ଦ୍ୱାରା ଜିଲାର ଚାଷୀମାନେ ସେମାନଙ୍କ ମୁଣ୍ଡରେ ବଜ୍ର ପଡ଼ିଲା ଭଳି ଅନୁଭବ କରୁଛନ୍ତି। ଏଣୁ ପ୍ରଶାସନ କ୍ଷୟକ୍ଷତିର ଠିକ୍ ଆକଳନ କରି ରିପୋର୍ଟ ପ୍ରଦାନ କରିବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସେହିପରି ଧାନ ସଂଗ୍ରହ କରିବା ପାଇଁ ସରକାର ମାନ ନିର୍ଦ୍ଧାରଣ କରିଥିବା ବେଳେ ଏକ ମେଶିନ ବ୍ୟବହାର କରିବା ପାଇଁ ସମସ୍ତ ମଣ୍ଡିରେ ବ୍ୟବସ୍ଥା କରିଥିବାରୁ ଚାଷୀକୁଳ ଏହାର ଘୋର ବିରୋଧ କରୁଛନ୍ତି। ଅଦିନିଆ ବର୍ଷା ଚାଷୀମାନଙ୍କ ମେରୁଦଣ୍ଡ ଭାଙ୍ଗି ଦେଇଥିବା ବେଳେ ରାଜ୍ୟ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀଙ୍କ ମନ୍ତବ୍ୟ ଚାଷୀମାନଙ୍କୁ ଘୋର ବାଧିଛି। ଜିଲା କଂଗ୍ରେସ ଏହାର ନିନ୍ଦା କରିବା ସହ ଚାଷୀମାନଙ୍କ ଧାନ ଗ୍ରହଣ କରିବା ବେଳେ ମେଶିନ ବ୍ୟବହାର ନ କରି ଉଚିତ ମୂଲ୍ୟ ପ୍ରଦାନ କରିବାକୁ ଦାବି ଜଣାଇଛି। ଏହି ସ୍ମାରକପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ ମୁଖପାତ୍ର ଗୋପାଳ ନାଥ, ଗୋବିନ୍ଦ ନାଏକ, ସହଦେବ ବେହେରା, ବିରେନ ନାଏକ, କରାକେଶ ମିଶ୍ର, ବାସୁଦେବ ସାମଲ, ପ୍ରଶାନ୍ତ ତ୍ରିପାଠୀ, ବରୁଣ ସାହୁ, ସଂଗ୍ରାମ ବେହେରା, ପ୍ରକାଶ ମିଶ୍ର, ସନନ୍ତ କୁମାର ପ୍ରଧାନ, ପ୍ରାଣବନ୍ଧୁ ପ୍ରଧାନ, ଦୁଷ୍ମନ୍ତ ଦେହୁରୀ, ବିଭୂତି ଭୂଷଣ ଦେହୁରୀ, ସନ୍ତୋଷ ଦେହୁରୀ, ଅମିୟ ମିଶ୍ର, କମ୍ୟୁନିଟି ଦେହୁରୀ, ପ୍ରକାଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁଦ୍ରାସ୍ଫୀତି ଓ ନିରାକରଣ ଉପରେ ଆଲୋଚନା



ଆଲୋଚନାଚକ୍ରରେ ଉପସ୍ଥିତ ଅଧ୍ୟାପିକା, ଅଧ୍ୟାପକ ଓ ଛାତ୍ରୀଛାତ୍ର।

**ଆଠମଲ୍ଲିକ,୩୦।୧୨ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଉପଖଣ୍ଡ ଠାକୁରଗଡ଼ସ୍ଥିତ ଷୋଳପଦା ସ୍ନାତକ ମହାବିଦ୍ୟାଳୟ ପରିସରରେ ଅର୍ଥନୀତି ବିଭାଗ ତରଫରୁ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ସରୋଜ ରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଦ୍ରାସ୍ଫୀତି ଓ ଏହାର ନିରାକରଣ ଶୀର୍ଷକ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ଅଧ୍ୟାପିକା ସନ୍ତୋଷିନୀ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଦ୍ରାସ୍ଫୀତି ଓ ଏହାର ନିରାକରଣ ଉପରେ ବ୍ୟାପକ ଭାବରେ ବୁଝାଇଥିଲେ। ବିଭାଗୀୟ ମୁଖ୍ୟ ତଥା ଅଧ୍ୟାପକ ତରୁଣ କୁମାର ପ୍ରଧାନ ଓ ଇତିହାସ ଅଧ୍ୟାପକ ଟୁକୁନା ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଛାତ୍ରୀ ରୂପାଲୀ ସାହୁ, ଦୀପା ବେହେରା, ଛାତ୍ର ବିସ୍ମୟ ସାହୁ, ସୁଶାନ୍ତ ଶତପଥୀ, ମଧୁସୂଦନ କୋଠାର, ତାପସ ଠାକୁର, ନନ୍ଦନ କୋଠାର ପ୍ରମୁଖ ସ୍ୱ ରଚିତ ସନ୍ଦର୍ଭ ପାଠ କରିଥିଲେ। ଅଧ୍ୟାପିକା ଡ. କଲ୍ୟାଣୀ ରୁପା ମିଶ୍ର ସମସ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ରଙ୍ଗ ତରଙ୍ଗର ଦ୍ୱିତୀୟ ବାର୍ଷିକ ସମାରୋହ ଉଦ୍‌ଯାପିତ

**ଭଜନରେ ବିମୋହିତ କଲେ ଗୀତା ଦାସ**

**ଅନୁଗୋଳ,୩୦।୧୨(ମାନସ ବିଶ୍ୱାଳ)**


ରଙ୍ଗ ତରଙ୍ଗର ଦ୍ୱିତୀୟ ବାର୍ଷିକ ସମାରୋହରେ ଅତିଥିମାନେ।

ଅନୁଗୋଳ ସଭାଗୃହଠାରେ ସେବା ଓ ସାଂସ୍କୃତିକ ଅନୁଷ୍ଠାନ ରଙ୍ଗ ତରଙ୍ଗର ଦ୍ୱିତୀୟ ବାର୍ଷିକ ସମାରୋହ ତଥା ନବମାଳତୀ ଉତ୍କର୍ଷ ସମ୍ମାନ ସମାରୋହ ଉଦ୍‌ଯାପିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା ମୁଖ ଅତିଥି ଭାବେ ଯୋଗଦେଇଥିବା ବେଳେ ପୌର ଉପାଧ୍ୟକ୍ଷା ଅନୁପମା ସାହୁ, ଉତ୍କଳ ଗାନ୍ଧୀ ସ୍ମାରକନିଧି ରାଜ୍ୟ ସଭାପତି କୃଷ୍ଣା ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶାର ପ୍ରସିଦ୍ଧ କଣ୍ଠଶିଳ୍ପୀ ଗୀତା ଦାସ ଯୋଗଦେଇ ସୁନ୍ଦର ଭଜନ ପରିବେଷଣ ଦ୍ୱାରା ଶ୍ରୋତାମାନଙ୍କୁ ବିମୋହିତ କରିଥିଲେ। ଅନୁଷ୍ଠାନ ସଭାପତି ସୁଦୀପ ଗଡ଼ନାୟକ ସ୍ୱାଗତ ଅଭିଭାଷଣ ରଖିଥିଲେ। ସମ୍ପାଦକ ବିଦ୍ୟାଧର ନାଏକ ଅନୁଷ୍ଠାନର ବିବରଣୀ ପାଠ କରିଥିଲେ। ପୂର୍ବାହ୍ନରେ ଝୋଟି, ଚିତ୍ରାଙ୍କନ, ରଙ୍ଗଭରୋ, ସଙ୍ଗୀତ ପ୍ରତିଯୋଗିତା ଆଦି ଅନୁଷ୍ଠିତ ହେଇଥିଲା। ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ରଙ୍ଗ ତରଙ୍ଗ ଅନୁଷ୍ଠାନ ସମ୍ପାଦକ ବିଦ୍ୟାଧର ନାଏକ, ସହ ସମ୍ପାଦକ ଅମିର କୁମାର ମିଶ୍ର ଉପସ୍ଥିତ ଥିଲେ। ରଞ୍ଜନ ବେହେରା ମଞ୍ଚ ପରିଚାଳନା କରିଥିବାବେଳେ ଅନୁଷ୍ଠାନ ଉପସଭାପତି ପର୍ଶୁରାମ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ମନୋରଞ୍ଜନ ମଲ, ପ୍ରତାପ ମହାପାତ୍ର, ସୂର୍ଯ୍ୟ ନାରାୟଣ ନାଥ, ନିରୋଦ ସାହୁ, ସରୋଜ ମେହେରେ, ସୁରେନ୍ଦ୍ର ଭୋଇ, ଜୟନ୍ତ କର, ସତ୍ୟବାନ ବେହେରା, ଆଦ୍ୟଶ୍ଲୋକ ମିଶ୍ର, ସନ୍ତୋଷ ସାମଲ, ଅଜିତ୍ ପ୍ରଧାନ, ଶ୍ରୀକାନ୍ତ ନାୟକ ଓ ରଙ୍ଗ ତରଙ୍ଗ ପରିବାରର ସମସ୍ତ ସଦସ୍ୟ ସହଯୋଗ କରୁଥିଲେ।

# ସାହିତ୍ୟିକ ଦେବରାଜଙ୍କୁ ପ୍ରଫୁଲ୍ଲ ମହାକୁଲ ସାହିତ୍ୟ ସମ୍ମାନ

**ମାଧପୁର,୩୦।୧୨(ମନୋଜ ପ୍ରଧାନ)**

ଆଠମଲ୍ଲିକ ବ୍ଲକ ବାସୁଦେବପୁର ପଞ୍ଚାୟତ ନିବାସୀ ଶିକ୍ଷାବିତ୍ ତଥା ଅବସରପ୍ରାପ୍ତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଦେବରାଜ ନାୟକଙ୍କୁ ରବିବାର ବୌଦ୍ଧ ଟାଉନ୍‌ହଲଠାରେ ବୌଦ୍ଧ ଜିଲା କଲ୍‌ଚରାଲ ଏକାଡେମୀ ପକ୍ଷରୁ ବାର୍ଷିକ ଉତ୍ସବ ଅବସରରେ ପ୍ରଫୁଲ୍ଲ ମହାକୁଲ ସାହିତ୍ୟ ସମ୍ମାନ ପ୍ରଦାନ କରାଯାଇଛି। ଉତ୍ସବରେ ଏକାଡେମୀର ସ୍ଥାୟୀ ସଭାପତି ଧ୍ରୁବଚରଣ ଘିଓ୍ୱାଲା ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ଭାବେ ସାହିତ୍ୟିକ ଡ.ବୈରାଗୀ ଚରଣ ପଟ୍ଟନାୟକ ଓ ମୁଖ୍ୟବକ୍ତା ଭାବେ ଅଧ୍ୟାପକ ମଦନ ମୋହନ କ୍ଷେତି ଉପସ୍ଥିତ ଥିଲେ।


ଶିକ୍ଷାବିତ୍ ଦେବରାଜ ନାୟକଙ୍କୁ ସମ୍ମାନିତ କରାଯାଉଛି।

# ମହୁମାଛି ଆକ୍ରମଣରେ ୩ ଗୁରୁତର



**ଛେଣ୍ଡିପଦା,୩୦।୧୨(ଅଜିତ ଧଳ)**

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ବାପୁଜୀ ମହାବିଦ୍ୟାଳୟ ସମ୍ମୁଖ ଦେଇ ଯାଇଥିବା ଜାତୀୟ ରାଜପଥରେ ମହୁମାଛି ଆକ୍ରମଣରେ ସୋମବାର ୨ ମହିଳା ଓ ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେମାନେ ହେଲେ ମାଛକୁଟା ଗ୍ରାମର ସ୍ମାଇଲ୍ ସ୍ୱୟଂସହାୟକ ଗୋଷ୍ଠୀ ସଭାପତି କୁମୁଦିନୀ ନାଏକ, ସମ୍ପାଦିକା ଦମୟନ୍ତୀ ବେହେରା ଏବଂ ମାଛକୁଟାର ଶରତ ନାଏକ। କୁମୁଦିନୀ ଓ ଦମୟନ୍ତୀ ସ୍କୁଟିରେ ଘରକୁ ଫେରିବାବେଳେ ପାଣି ଟାଙ୍କିରେ ବସା ବାନ୍ଧିଥିବା ମହୁମାଛି ଆକ୍ରମଣ କରିଥିଲେ। ଏହାଦେଖି ଶରତ ଉଭୟଙ୍କୁ ଉଦ୍ଧାର କରିବାକୁ ଯାଇ ଆକ୍ରମଣର ଶୀକାର ହୋଇଥିଲେ। ସ୍ଥାନୀୟଲୋକେ ସେମାନଙ୍କୁ ଉଦ୍ଧାରକରି ଛେଣ୍ଡିପଦା ମେଡିକାଲରେ ଭର୍ତ୍ତି କରିଛନ୍ତି।

# ସାଧୁଙ୍କ ବିୟୋଗରେ ଶୋକର ଛାୟା

**ବଇଣ୍ଡା,୩୦।୧୨(ପରିକ୍ଷିତ ସାହୁ)**



କିଶୋରନଗର ବ୍ଲକ ଗଡିକୃଷ୍ଣପୁର ଜଗନ୍ନାଥ ମନ୍ଦିର ମଠର ସାଧୁ ଚକ୍ରଧର ଦାସଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କିଛିଦିନ ହେବ ଅସୁସ୍ଥ ଥିଲେ । ତାଙ୍କ ପରଲୋକ ଜଣାପଡ଼ିବା ପରେ ଆଖପାଖ ଅଞ୍ଚଳର ବହୁ ଲୋକ ପହଞ୍ଚି ଶେଷଦର୍ଶନ କରିଥିଲେ। ମରଶରୀରକୁ ଶୋଭାଯାତ୍ରାରେ ନଗର ପରିକ୍ରମା କରାଯାଇଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ଜମିହରା କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦାବିରେ ବିକ୍ଷୋଭ

**ଅନୁଗୋଳ,୩୦।୧୨(ଜ୍ୟୋତିରଞ୍ଜନ ସାହୁ)**




ଅନୁଗୋଳ ଜିଲା ନାଲ୍‌କୋ କ୍ଷତିଗ୍ରସ୍ତ ଏଲ.ଏ.ପି., ଆଇ.ଟି.ଆଇ. ପକ୍ଷରୁ ଜମିହରା କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଅନୁଗୋଳ ଜଗନ୍ନାଥ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରି ଜିଲା କାର୍ଯ୍ୟାଳୟ ଠାରେ ପହଞ୍ଚିଥିଲା। ସେଠାରେ ସାଧାରଣ ସଭା ଓ ବିକ୍ଷୋଭ ପ୍ରଦର୍ଶନ ପରେ କେନ୍ଦ୍ରାଞ୍ଚଳ ଆରଡିସିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଅତିରିକ୍ତ ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା।

ନାଲ୍‌କୋ ରେଲ୍‌ୱେ ପ୍ରକଳ୍ପ ଓ ପାଣି ପାଇପ ଲାଇନ ଯୋଗୁ ୩୯ଟି ଗ୍ରାମର କ୍ଷତିଗ୍ରସ୍ତ, ନାଲ୍‌କୋ ସ୍ୱୋନ୍ସର୍ଡ ଏଲ.ଏ.ପି./ଆଇ.ଟି.ଆଇର ଏହି ସଦସ୍ୟମାନେ ଦର୍ଶାଇଛନ୍ତି, ନାଲ୍‌କୋରେ ସ୍ଥାୟୀ ନିଯୁକ୍ତି ପାଇଁ ଅନେକ ଦିନରୁ ଦାବି କରିଆସିବା ସହ ୧୪ ବର୍ଷ ମଧ୍ୟରେ ବାରମ୍ବାର ପ୍ରଶାସନ ପାଖରେ ଦାବି କରିଛନ୍ତି। ପ୍ରତ୍ୟେକ ଆର୍‌ପିଡିଏସି ବୈଠକ ଓ ଉଚ୍ଚସ୍ତରୀୟ ବୈଠକରେ ଭବିଷ୍ୟତରେ ସାଧାରଣ ନିଯୁକ୍ତି ପ୍ରକ୍ରିୟା ସମୟରେ ଏହି ସଂଘର ସଦସ୍ୟମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ନାଲ୍‌କୋ ପ୍ରଶାସନ ପକ୍ଷରୁ ଲିଖିତ ଭାବେ ଦିଆଯାଇଛି। ଗତ ସେପ୍ଟେମ୍ବରରେ ଢେଙ୍କାନାଳ ଏମ୍‌ପିଙ୍କ ନେତୃତ୍ୱରେ ନାଲ୍‌କୋ ବିରୋଧରେ ୩ଦିନ ଅର୍ଥନୈତିକ ଅବରୋଧ ସମୟରେ ହୋଇଥିବା ବୈଠକରେ ମଧ୍ୟ ଭବିଷ୍ୟତରେ ସାଧାରଣ ନିଯୁକ୍ତି ପ୍ରକ୍ରିୟାରେ ସଂଘର ସଦସ୍ୟମାନଙ୍କୁ ଅଗ୍ରାଧିକାର ଦିଆଯିବ ବୋଲି ନାଲ୍‌କୋ ପକ୍ଷରୁ କୁହାଯାଇଥିଲା। ତେଣୁ ନାଲ୍‌କୋ ଦ୍ୱାରା ଜାରି ହୋଇଥିବା ସାଧାରଣ ନିଯୁକ୍ତିକୁ ତୁରନ୍ତ ସ୍ଥଗିତ କରି ସ୍ୱୋନ୍ସୋର୍ଡ ଏଲ.ଏ.ପି./ଆଇ.ଟି.ଆଇ. କ୍ଷତିଗ୍ରସ୍ତ ପ୍ରଜାସଂଘର ଅବଶିଷ୍ଟ ସଦସ୍ୟମାନଙ୍କୁ ବୟସ ସୀମା କୋହଳ ସହିତ ଅଭିଜ୍ଞତା ଭିତ୍ତିରେ ସାଧାରଣ ନିଯୁକ୍ତି ପ୍ରକ୍ରିୟାରେ ସ୍ଥାୟୀ ନିଯୁକ୍ତି ବ୍ୟବସ୍ଥା କରିବା ସହିତ ଅନ୍ୟାନ୍ୟ ଅଗ୍ରାଧିକାର ଦେଇ ତୁରନ୍ତ ନ୍ୟାୟ ପ୍ରଦାନ କରିବାକୁ ଦାବି କରାଯାଇଛି।

# ଜନଶୁଣାଣିରେ ୮୨ ଅଭିଯୋଗ

**ବଅଁରପାଳ,୩୦।୧୨ (ସୁବାସ ସାହୁ)**

ଅନୁଗୋଳ ଜିଲା ବଅଁରପାଳ ପଞ୍ଚାୟତ ସମିତି ସଭାଗୃହରେ ଜିଲାପାଳ ଅବଦଲ ମହମ୍ମଦ ଅଖତାରଙ୍କ ଅଧ୍ୟକ୍ଷତାରେ ସୋମବାର ଜିଲାସ୍ତରୀୟ ମିଳିତ ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜନଶୁଣାଣି ଶିବିରରେ ସମୁଦାୟ ୮୨ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫ ଅଭିଯୋଗ ତୁରନ୍ତ ସମାଧାନ କରାଯାଇଥିଲା। ଜଣେ ଅସହାୟ ବ୍ୟକ୍ତିଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୭୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରକ୍ଷୀ ଅଧୀକ୍ଷକ ରାହୁଲ ଜୈନ, ଅତିରିକ୍ତ ଜିଲାପାଳ ଉଦୟ ଚନ୍ଦ୍ର ମହାପାତ୍ର, ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ, ପିଡି ହେମନ୍ତ କୁମାର ସିଂ, ଅନୁଗୋଳ ଉପଜିଲାପାଳ ବରଣ୍ୟେନ୍ଦୁ ମହାନ୍ତି, ବଅଁରପାଳ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋଚନ ଦାସ, ତହସିଲଦାର ରବିନାରାୟଣ ଆଚାର୍ଯ୍ୟଙ୍କ ସମେତ ଜିଲାସ୍ତରୀୟ ଓ ବ୍ଲକ ସ୍ତରୀୟ ଅଧିକାରୀମାନେ ଯୋଗ ଦେଇଥିଲେ।


ଜନଶୁଣାଣିରେ ମଞ୍ଚାସୀନ ଅଧିକାରୀମାନେ।

# ଡ୍ରେସ୍ ଦୋକାନରେ ନିଆଁ



ଅଗ୍ନିଶମ କର୍ମଚାରୀମାନେ ଲିଆଁ ଲିଭାଉଛନ୍ତି।

**ଅନୁଗୋଳ,୩୦।୧୨(ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ସହର ଶଙ୍କର ସିନେମା ରୋଡ୍‌ସ୍ଥିତ ମ୍ୟାନ ଷ୍ଟୋର ଡ୍ରେସ୍ ଦୋକାନରେ ସୋମବାର ମଧ୍ୟାହ୍ନରେ ଅଗ୍ନିକାଣ୍ଡ ଘଟିଛି। ଦୋକାନ କର୍ମଚାରୀମାନେ ଅଗ୍ନି ନିର୍ବାପକ ଯନ୍ତ୍ର ସାହାଯ୍ୟରେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ଆୟତ୍ତ କରିପାରି ନ ଥିଲେ। ଖବରପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ୨ଟି ଗାଡ଼ି ସହ ପହଞ୍ଚି ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ହେଲେ ଦୋକାନ ଭିତରୁ ପ୍ରବଳ ଧୂଆଁ ବାହାରୁଥିବାରୁ ଭିତରକୁ ପଶିପାରି ନ ଥିଲେ। ଅତ୍ୟାଧୁନିକ ଭାକ୍ୟୁମ୍ ମେଶିନ ସହାୟତାରେ ଧୂଆଁ ବାହାର କରିବା ପରେ କର୍ମଚାରୀମାନେ ଭିତରକୁ ଯାଇ ନିଆଁକୁ ଆୟତ୍ତ କରିବାରେ ସକ୍ଷମ ହୋଇଥିଲେ। ଶର୍ଟସର୍କିଟରୁ ଘଟିଥିବା ଏହି ଅଗ୍ନିକାଣ୍ଡରେ ଦୋକାନରେ ଥିବା ଡ୍ରେସ ଓ ଅନ୍ୟାନ୍ୟ ସାମଗ୍ରୀ ବିଶେଷ କିଛି କ୍ଷତି ହୋଇ ନ ଥିବା ଅଗ୍ନିଶମ ଅଧିକାରୀ ସୂଚନା ଦେଇଛନ୍ତି।

# ବଇଣ୍ଡାକୁ ବ୍ଲକ ମାନ୍ୟତା ଦାବି ଜୋର୍ ଧରିଲା

- ଏକାଠି ହେଲେ ୮ ପଞ୍ଚାୟତବାସୀ
- ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତ୍ତି

**ବଇଣ୍ଡା,୩୦।୧୨ (ପରିକ୍ଷିତ ସାହୁ)**


ବ୍ଲକ ଦାବି ନେଇ ଏକାଠି ହୋଇଛନ୍ତି ୮ ପଞ୍ଚାୟତବାସୀ।

ଆଠମଲ୍ଲିକ ଉପଖଣ୍ଡର ମୁଖ୍ୟ ବ୍ୟବସାୟିକ କେନ୍ଦ୍ରସ୍ଥଳ ବଇଣ୍ଡାକୁ ବ୍ଲକ ମାନ୍ୟତା ଦେବାକୁ ଜୋର୍‌ଦାର ଦାବି ଉଠିଛି। ଦୀର୍ଘ ୩୧ ବର୍ଷ ହେବ ବଇଣ୍ଡା ଗ୍ରାମବାସୀ ଏହି ଦାବି କରି ଆସୁଥିବା ବେଳେ ଏବେ ଆଖପାଖ ପଞ୍ଚାୟତବାସୀ ଏହି ଦାବିରେ ସ୍ୱର ମିଳାଇଛନ୍ତି। ରାଜ୍ୟ ସରକାର ନୂତନ ବ୍ଲକ ଗଠନ ପାଇଁ ଚିନ୍ତା କରୁଥିବାରୁ ବଇଣ୍ଡାକୁ ବ୍ଲକ ମାନ୍ୟତା ଦିଆଯାଉ ବୋଲି ସୋମବାର ୮ ପଞ୍ଚାୟତବାସୀ ଏକ ବୈଠକ ଜରିଆରେ ଦାବି କରିଛନ୍ତି।

ବଇଣ୍ଡା କଲ୍ୟାଣମଣ୍ଡପ ନିକଟରେ ଏହି ବୈଠକ ବସିଥିବାବେଳେ ଅବସରପ୍ରାପ୍ତ ଉପଜିଲାପାଳ ବିରଞ୍ଚି ନାୟକ ସଭାପତିତ୍ୱ କରିଥିଲେ। ଏଥିରେ ଲୁହାମୁଣ୍ଡା ସରପଞ୍ଚ କୁମୁଦଚନ୍ଦ୍ର ପ୍ରଧାନ, ପୂର୍ବତନ ସରପଞ୍ଚ ଧୋବେଇ ବେହେରା, ଜଳଧର ସାହୁ, ସାମାଜିକ କର୍ମୀ ରଣଜିତ ପଟ୍ଟନାୟକ, ବଇଣ୍ଡା ଗ୍ରାମ ଉପ ସଭାପତି ଅରବିନ୍ଦ ସାହୁ, ସହ ସମ୍ପାଦକ ପରିକ୍ଷିତ ସାହୁ, ବରିଷ୍ଠ ନାଗରିକ ଭଗବାନ ଘିଓ୍ୱାଲା, ବିନୀତ ସାହା, ହଣ୍ଡପା ସମିତି ସଭ୍ୟ ଆନୁକୂଲ୍ୟ ବେହେରା, ବ୍ଲକ ଯୁବ ବିଜେଡି ସଭାପତି ଅରୁଣ କୁମାର ସାହୁ, ବିଜେଡି ନେତା ସନ୍ତୋଷ ପ୍ରଧାନ, ଜିତେନ୍ଦ୍ର ବେହେରା, ଉତ୍ତମ କୁମାର ମାଟିଆରି, ରମେଶ କୁମାର ଟିବ୍ରୁୱାଲା, ଜନେଶ୍ୱର ସାହୁ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଚିତ୍ରାନନ୍ଦ ସାହୁ, ଆଇନଜୀବୀ ପ୍ରତାପ କୁମାର ପ୍ରଧାନ, ଭାଜପା ନେତା ଅରକ୍ଷିତ ସାହୁ, ପ୍ରଶ୍ନ ବେହେରା, ଧ୍ରୁବ ଚରଣ ସାହୁଙ୍କ ସମେତ ୮ ପଞ୍ଚାୟତବାସୀ ଏକାଠି ହୋଇଥିଲେ। ଏଥିରେ ଅଞ୍ଚଳବାସୀ କହିଥିଲେ, ବଇଣ୍ଡା ଆଠମଲ୍ଲିକ ଉପଖଣ୍ଡର ଏକ ପ୍ରମୁଖ ସ୍ଥାନ ଭାବେ ପରିଚିତ। ବଇଣ୍ଡାକୁ ବ୍ଲକ ମାନ୍ୟତା ଦେବା ପାଇଁ ୧୯୯୩ ମସିହାରୁ ଦାବି ହୋଇଆସୁଛି। ଏ ନେଇ ବହୁବାର ଦାବିପତ୍ର ପ୍ରଦାନ କରାଯାଇଛି। ୧୩ ନମ୍ବର ଜୋନ୍‌ର ନୁନୁକାପଶି, ଗାଁବଇଣ୍ଡା, ଜାମୁନାଳୀ, କଣ୍ଢେଇକୋଳିଆ, ହଣ୍ଡପା, ଲୁହାମୁଣ୍ଡା, ବିଲେଇନାଳୀ, କଟରଙ୍ଗା ସହ ୧୨ ନମ୍ବର ଜୋନ୍‌ର ନାକିଚି, ଉରୁକୁଳା, ଠେଲକନାଳୀ, ଆଠମଲ୍ଲିକ ବ୍ଲକର ପେଡ଼ିପଥର, ସାନହୁଲା, ତାପଢ଼ୋଲେ, ପାଇକସାହି, ସାପଘରା, କୁରୁମଟାପ ଆଦି ପଞ୍ଚାୟତକୁ ମିଶାଇ ବଇଣ୍ଡାକୁ ବ୍ଲକ କରାଯିବା ପାଇଁ ୧୯୯୩ ମସିହାରେ ତତ୍କାଳୀନ ସରକାରଙ୍କ ନିକଟରେ ଦାବି ହୋଇଥିଲା। ଏକ ପ୍ରତିନିଧି ମଣ୍ଡଳୀ ମଧ୍ୟ ସରକାରଙ୍କୁ ଭେଟି ଦାବିପତ୍ର ଦେଇଥିଲା। ବଇଣ୍ଡା ଅଞ୍ଚଳରେ ଗମନାଗମନ ପାଇଁ ଜାତୀୟ ରାଜପଥ ସହ ରେଳପଥ ଥିବାବେଳେ ଅଞ୍ଚଳବାସୀ ସମସ୍ତ ସୁବିଧା ପାଇପାରିବେ। ଏଠାରେ ଅନେକ ସରକାରୀ କାର୍ଯ୍ୟାଳୟ ଥିବାବେଳେ ଭୌଗୋଳିକ ଦୃଷ୍ଟିରୁ ବଇଣ୍ଡା ବ୍ଲକ ହେବାକୁ ଯୋଗ୍ୟତା ରଖିଛି। ଏଥିପାଇଁ ଅଞ୍ଚଳବାସୀ ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିଷ୍ପତ୍ତି ନେବା ସହ ଏକ କ୍ରିୟାନୁଷ୍ଠାନ କମିଟି ଗଠନ କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତର ଲୋକଙ୍କୁ ଏହି କମିଟିରେ ସଭ୍ୟ ଭାବେ ଚୟନ କରାଯାଇଛି।

